# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ।

ଅନୁଗୋଳ,ତା.୨୮.୦୪:- ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ପୁରୋଧା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବ ଆଜି ଜିଲ୍ଲା ଓ ଦୌରାଜଜଙ୍କ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଓଡିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ନ୍ୟାୟାଧୀଶ ବିଶ୍ୱନାଥ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନ୍ୟମାନଂକ ମଧ୍ୟରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ବିଚାରପତି ଭିଜିଲାନସ ରୁପଶ୍ରୀ ଚୌଧୁରୀ,ଫାମିଲି କୋର୍ଟ ବିଚାରପତି ଶ୍ରୀ ସୌମେନ୍ଦ୍ର ରାଜଗୁରୁ,ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଶ୍ରୀ ସୁରେଶ ଚନ୍ଦ୍ର ପ୍ରଧାନ,ସି ଜିମ୍ ଶ୍ରୀ ସୌମେନ୍ଦ୍ର ପାତ୍ର, ସିଭିଲି କୋର୍ଟ ରେଜିଷ୍ଟ୍ରାର ପ୍ରଣତି ପଟ୍ଟନାୟକ,ସିଭିଲ ଜଜ୍ ସିନିଅର ଡିଭିଜନ ଲିଲିପ୍ସା ପଣାୟତ,ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସମ୍ପାଦିକା ଅଭିନନ୍ଦିତା ପଣ୍ଡା, ଜେ ଏମ୍ ଏଫ୍ ସି ଶ୍ରୀମତି ନିଲୋଫର, ସିଭିଲ ଜଜ୍ (ପ୍ରୋବେସନ୍) ଶ୍ରୀ ସଞ୍ଜିବ ପଣ୍ଡା ଓ ଶ୍ରୁତି ସ୍ୱରୁପା ସାହୁ, କୋର୍ଟ ମ୍ୟାନେଜର(ସିଭିଲକୋର୍ଟ) ଶ୍ରୀ ସୁମନ କୁମାର ଆଚାର୍ଯ୍ୟ, ବାର ଆସୋସିଏସନର ସଭାପତି ଶ୍ରୀ ଜିତେନ୍ଦ୍ର କୁମାର ସାହୁ, ସମ୍ପାଦକ ଶ୍ରୀ ହିମାଂଶୁ ସାମଲ,ଉପ ସଭାପତି ଶ୍ରୀ ଦିଲିପ କୁମାର ସାହୁ ଓ ପୂର୍ବତନ ବାର ଆସୋସିଏସନର ସଭାପତି ଶ୍ରୀ ଦିଲିପ କୁମାର ଦାସଙ୍କ ସମେତ ବାର ଆସୋସିଏସନ ଓ କୋର୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ । ସେହିପରି ଶିଶୁ ଉଦ୍ୟାନ ଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତୀରେ ଅନୁଗୋଳ ପୌରପାଳିକା ତରଫରୁ ମାଲ୍ୟାର୍ପଣ କରାଯାଇଥିଲା । ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଅନ୍ୟମାନଂକ ମଧ୍ୟରେ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ଅକ୍ଷୟ କୁମାର ସାମନ୍ତ ଓ ଶ୍ରୀମତି ସୁକାନ୍ତି ଦାସଙ୍କ ସମେତ ପୌରପାଳିକାର କର୍ମଚାରୀମାନେ ଯୋଗ ଦେଇଥିଲେ ।





